# Akashvani, Sambalpur

## SAMBALPURI NEWS BULLETIN

### 26 May 2024- 6.47- 6.52 am.

*********************************************

୬ ନମ୍ବର୍ ଖେପ୍ ନିର୍ବାଚନ୍ ଆର୍ଏନ୍ୟୁ/ସମ୍ବଲପୁର

ଦେଶେ ୬ ନମ୍ବର୍ ଖେପ୍ ସାଧାରଣ ନିର୍ବାଚନ୍ଥି ଗଲାକାଏଲ୍ ରାତିତକ୍ ମିଲିଥିବା ତଥ୍ୟ ଅନ୍ସାରେ ୬୧ ଦଶ୍ମିକ୍ ୭/୬ ପ୍ରତିଶତ୍ ମତଦାନ୍ ହେଇଛେ । ଇ ଖେପେ ଓଡ଼ିଶା ସହେତେ ବିହାର୍, ହରିଆଣା, ଝାର୍ଖଣ୍ଡ୍, ଉତର୍ପ୍ରଦେଶ୍, ପଶ୍ଚିମବଙ୍ଗ୍, ଦିଲ୍ଲୀ ଆଉ ଜାମ୍ମୁକାଶ୍ମୀର୍ର ୫୮ ଟା ଲୋକ୍ସଭା ଆସନ୍ ଲାଗି ଭୋଟ୍ ହେଇଛେ । ସବୁନୁ ଅଏତ୍କା ପଶ୍ଚିମବଙ୍ଗ୍ ନ ୮୦ ଦଶ୍ମିକ୍ ଶୂନ୍/୬ ପ୍ରତିଶତ୍ ଭୋଟ୍ ହେଇଥିବାର୍ ବେଲେ ସବୁନୁ କମ୍ ଉତର୍ପ୍ରଦେଶ୍ ନ ୫୪ ଦଶ୍ମିକ୍ ଶୂନ୍ /୩ ପ୍ରତିଶତ୍ ଭୋଟ୍ ହେଇଥିବା ନିର୍ବାଚନ ଆୟୋଗ୍ଙ୍କର୍ ସୂତ୍ରନୁ ଜନାପଡ଼ିଛେ ।

ରାଜ୍ୟ- ନିର୍ବାଚନ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍‌ଥି ୧୦ ଟା ଜିଲ୍ଲା ନ ୬ ଟା ଲୋକ୍‌ସଭା ଆସନ୍ ଆଉ ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ମତଦାନ୍ ଶାନ୍ତିଶୃଙ୍ଖଲାଥି ସରିଛେ । ଗଲାକାଏଲ୍ ରାତି ତକ୍ ମିଲିଥିବା ତଥ୍ୟ ଅନ୍‌ସାରେ ରାଏଜେ ୭୦ ଦଶ୍‌ମିକ୍ ୯/୯ ପ୍ରତିଶତ୍ ମତଦାନ୍ ହେଇଛେ । ସମ୍ବଲପୁର ଲୋକ୍‌ସଭା ଆସନ୍ ନ ସବୁନୁ ଅଏତ୍‌କା ୭୬ ଦଶ୍‌ମିକ୍ ୬/୩ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଲେ ପୁରୀ ନ ୭୩ ଦଶ୍‌ମିକ୍ ୮/୧ ପ୍ରତିଶତ୍, ଢେଙ୍କାନାଲ୍ ନ ୭୩ ଦଶ୍‌ମିକ୍ ୬/୯ ପ୍ରତିଶତ୍, କେନ୍ଦୁଝର୍ ନ ୭୩ ଦଶ୍‌ମିକ୍ ୩/ଶୂନ୍ ପ୍ରତିଶତ୍, କଟକ୍ ନ ୬୭ ଦଶ୍‌ମିକ୍ ୩/୬ ଆର୍ ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଆସନ୍‌ଥି ୬୨ ପ୍ରତିଶତ୍ ଭୋଟ୍ ହେଇଛେ । ସେନ୍ତା ଆଠ୍‌ମଲ୍ଲିକ୍ ବିଧାନ୍‌ସଭା ଆସନ୍ ନ ସବୁନୁ ଅଏତ୍‌କା ୮୫ ଦଶ୍‌ମିକ୍ ୪/୨ ପ୍ରତିଶତ୍ ଭୋଟ୍ ହେଇଥିବାର୍ ବେଲେ ସବୁନୁ କମ୍ ଭୁବ୍‌ନେଶ୍ୱର୍ ଉତର୍ ବିଧାନ୍‌ସଭା ଆସନ୍ ନ ୫୧ ପ୍ରତିଶତ୍ ଭୋଟ୍ ହେଇଥିବାର୍ ନିର୍ବାଚନ ଆୟୋଗଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଇ ଖେପେ ୬ ଟା ସଂସଦୀୟ କ୍ଷେତ୍ର ଲାଗି ୬୪ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିବାର୍ ବେଲେ ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ୩ ଶହ ୮୩ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ     ଆର୍‌ଏନ୍‌ୟୁ/ସମ୍ବଲପୁର/କଟକ୍

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରାପଡ଼ା ଆର୍ ବାଲେଶ୍ୱର୍ ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଆଏଜ୍ ବିଜେପିର ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଗସ୍ତ ନ ଆସିକରି ବାରିପଦା, ଚାନ୍ଦବାଲି ଆର୍ ନିମାପଡ଼ା ନ ଦଲର୍ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସେଆଡ଼େ ଆଏଜ୍ ଆର୍ ୨୮ ତାରିଖ୍ ଦିନ୍ ଭିତ୍‌ରେ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଆର୍ ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ  ଓଡ଼ିଶା ଗସ୍ତ ନ ଆସିକରି ବାଲେଶ୍ୱର୍ ଆର୍ ଭଦ୍ରକ୍ ଠାନେ ଦଲର୍ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ ।

ମେଟ୍ରିକ୍- + ଦୁଇ  ରିଜଲ୍ଟ     ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଇ ବଛ୍ରର୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏଜ୍ ବାହାର୍‌ବା । ଇତାର୍‌ସହେତେ ସଂସ୍କୃତ, ମଧମା ଆର୍ ରାଜ୍ୟ ମୁକ୍ତ ବିଦ୍ୟାଲୟ ପରୀକ୍ଷାଫଲ୍ ଭିଲ୍ ବାହାର୍‌ବା । ସାଢ଼େ ୧୧ ବଜେତକ୍ ବୋର୍ଡ଼ର ୱେବ୍‌ସାଇଟ୍ www.bseodisha.ac.in ଥି ଛାତ୍ରଛାତ୍ରୀମାନେ ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଉପର୍‌ବେଲା ଟେବୁଲେସନ୍ ରେଜିଷ୍ଟର୍ ମିଲିପାର୍‌ବା ।

ସେନ୍ତା ଉଚ୍ଚମାଧମିକ ଶିକ୍ଷା ପରିଷଦ୍ ପରିଚାଲିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଳକ୍ ଶିକ୍ଷା ପରୀକ୍ଷାଫଲ୍ ଭିଲ୍ ଆଏଜ୍ ବାହାର୍‌ବା । ପରିଷଦ୍ କାର୍ଯ୍ୟାଳୟ ନ ଆଏଜ୍ ଉପର୍‌ବେଲା ୩ ବଜେ ପରୀକ୍ଷାଫଲ୍ ବାହାର୍‌ବା ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ । ଛାତ୍ରଛାତ୍ରୀମାନେ www.orissaresults.nic.in ଲଗ୍‌ଇନ୍ କରିକରି ପରୀକ୍ଷାଫଲ୍ ଦେଖିପାର୍‌ବେ । ଇତାର୍‌ଛଡ଼ା ଡିଜି ଲକର୍ ଜରିଏ ଭିଲ୍ ପରୀକ୍ଷାଫଲ୍ ଜାନିହେବା ବଲି ଉଚ୍ଚମାଧମିକ ଶିକ୍ଷା ପରିଷଦ୍ ତର୍‌ଫୁ କୁହାଯାଇଛେ ।

ମହିଳା ପୁଲିଂ ଅଫିସର୍ ମୃତ୍ୟୁ ଆର୍‌ଏନ୍‌ୟୁ / ସମ୍ବଲପୁର

କଟକ୍ ସଂସଦୀୟ କ୍ଷେତ୍ରର୍ ବାରବାଟୀ କଟକ୍ ବିଧାନ୍‌ସଭା ଆସନ୍‌ନୁ ଭୋଟ୍ କାମ୍‌ଥି ନିୟୋଜିତ ଝନେ ମହିଳା ପୁଲିଂ ଅଫିସର୍ ସୁଜାତା ମିତ୍ରଙ୍କର୍ ଗଲାକାଏଲ୍ ଜୀବନ୍ ଯାଇଛେ । ସେ ବାରବାଟୀ କଟକ୍ ବିଧାନ୍‌ସଭା ଆସନ୍‌ର ହାଡ଼ିବନ୍ଧୁ ହାଇସ୍କୁଲ୍ ଶହେ ୧୪ ନମ୍ବର୍ ବୁଥ୍‌ଥି ପୁଲିଂ ଅଫିସର୍ ଭାବେ କାମ୍ କରୁଥିବାର୍ ବେଲେ ଅସୁସ୍ଥ ହେଇପଡ଼ିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ୍ କଲେଜ୍ ହାସ୍‌ପାତାଲ୍‌କେ ନିଆଯାଇଥିଲା । ଡାକ୍ତର୍ ସେନେ ତାଙ୍କୁ ମୃତ ଘୋଷିତ୍ କରିଥିଲେ । ଇ ଘଟ୍‌ନାଥି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶୋକ ପ୍ରକାଶ୍ କର୍‌ବାର୍ ସଙ୍ଗେ ସ୍ୱର୍ଗୀୟା ମିତ୍ରଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନେଇଛନ୍ । ନିର୍ବାଚନ ଆୟୋଗଙ୍କର୍ ଘୋଷ୍‌ନା ଅନ୍‌ସାରେ ତାଙ୍କର୍ ପରିବାର୍ ଲୁକ୍‌କୁ ୧୫ ଲାଖ୍ ଟଙ୍କା ସହାୟତା ରାଶି ଦିଆଯିବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍‌ଫୁ କୁହାଯାଇଛେ । ଇତାର୍‌ସଙ୍ଗେ ବିଧି ଅନ୍‌ସାରେ ବାକି ବ୍ୟବସ୍ଥା କରାଯିବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ରଥ ତିଆରି ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁଙ୍କର୍ ରଥ୍‌ଯାତ୍ରା ଲାଗି ରଥ ତିଆରି କାମ୍ ଚାଲିଛେ । ରଥଖଳା ନ ଗଲାକାଏଲ୍ ରଥମାନ୍‌କର୍ ନାହାକ ଚକ ତିଆର୍ ହେଇଛେ । ରଥର ଅଖ ତିଆରି କାମ୍ ଭିଲ୍ ଅନୁକୁଲ୍ କରାଯାଇଛେ । ଇତାର୍‌ସଙ୍ଗେ ରଥର ଓରା ତିଆରି କାମ୍ ଭିଲ୍ ମୁଲ୍ ହେଇଛେ । ଭାରପ୍ରାପ୍ତ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ରଥଖଳାକେ ପୁହୁଁଚିକରି କାମ୍‌ର ତଦାରଖ୍ କରିଛନ୍ ।

ଆକାଶ୍‌ବାଣୀ ପ୍ରତିଷ୍ଠା ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ଆଏଜ୍ ତାର୍ ୬୨ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ୧୯୬୩ ମସିହାଥି ଆଝିର୍ ଦିନେ ସମ୍ବଲପୁର ଆକାଶ୍‌ବାଣୀ କେନ୍ଦ୍ର ଥାପ୍‌ନା ହେଇଥିଲା । ୨୦ କିଲୋୱାଟ୍ ଟ୍ରାନ୍ସମିଟର୍ ପ୍ରସାରଣ୍‌ନୁ ମୁଲ୍ ହେଇଥିବା ଇ କେନ୍ଦ୍ର ଏଛେନ୍ ଶହେ କିଲୋୱାଟ୍ କ୍ଷମତାର୍ ଡିଜିଟାଲ୍ ପ୍ରସାରଣ୍ କରୁଛେ । ଆକାଶ୍‌ବାଣୀ କେନ୍ଦ୍ର ସମ୍ବଲ୍‌ପୁର୍ ପଶ୍ଚିମ ଓଡ଼ିଶାର୍ କଲା ଆଉ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ଦିଗେ ବଢ଼୍‌ତି ଭୂମିକା ନେଇକରି ଶ୍ରୋତାମାନ୍‌କର୍ ମନ୍ ଜିତି ପାରିଛେ । ଇତାର୍‌ସଙ୍ଗେ କେନ୍ଦ୍ରନୁ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍ ପ୍ରସାରଣ୍ ଲାଗି

ଲୋକ୍‌ମାନେ ତାଁକର୍ ନିଜର୍ ଭାଷାଥି ଇ ଅଂଚଲ୍‌ର ଖବର୍ ପାଇପାରୁଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ବାତ୍ୟା ରେମାଲ୍ ଆଏଜ୍ ଅଧ୍‌ରାତି ବାଂଲାଦେଶ୍ ଆର୍ ପଶ୍ଚିମବଙ୍ଗ୍ ସମୁଦ୍ରଖଁଡ଼ି ଇଲାକାର୍ ସାଗର୍‌ଦୀପ୍ ଆର୍ ଖେପୁପରା ମଝି ନ ଲେଣ୍ଡ୍‌ଫଲ୍ କର୍‌ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।